# NATIONAL NEWS BULLETIN (ODIA)
## 25th May - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଲାଗି ଆରମ୍ଭ ହୋଇଛି ମତଗ୍ରହଣ ।
- ଏହି ପର୍ଯ୍ୟାୟରେ ଓଡ଼ିଶାରେ ୬ଟି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମଧ୍ୟ ଏକସଙ୍ଗେ ଚାଲିଛି ଭୋଟ୍ ଗ୍ରହଣ ।
- ଲୋକସଭା ନିର୍ବାଚନ ସମୟରେ ବୁଥ୍‌ଓ୍ୱାରି ଭୋଟର ମତଦାନ ତଥ୍ୟ ଏବଂ ୱେବ୍‌ସାଇଟ୍‌ରେ ଏହାକୁ ଅପ୍‌ଲୋଡ୍ କରିବା ନେଇ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେବାକୁ ମନା କଲେ ସୁପ୍ରିମ୍‌କୋର୍ଟ ।
- ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ରିମାଲ୍'ର ମୁକାବିଲା ଲାଗି କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟର ଫାଇନାଲ୍ ମ୍ୟାଚ୍‌ରେ ଆସନ୍ତାକାଲି କୋଲ୍‌କାତା ନାଇଟ୍ ରାଇଡର୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ହେବ ମୁକାବିଲା ।

## ଏଲ୍.ଏସ୍. ଇଲେକ୍‌ସନ୍ - ସିକ୍ସଥ୍ ଫେଜ୍

ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଲାଗି ମତଗ୍ରହଣ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ପାଇଁ ଭୋଟ୍‌ଗ୍ରହଣ ଜାରି ରହିଛି । ସେଥି ମଧ୍ୟରେ ଉତ୍ତରପ୍ରଦେଶର ୧୪ଟି, ହରିୟାଣାର ସମସ୍ତ ୧୦ଟି, ବିହାର ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ଦିଲ୍ଲୀର ସମସ୍ତ ୭ଟି, ଓଡ଼ିଶାର ୬ଟି, ଝାଡ଼ଖଣ୍ଡର ୪ଟି ଏବଂ ଜାମ୍ମୁ କାଶ୍ମୀରର ଗୋଟିଏ ଲୋକସଭା ଆସନ ରହିଛି । ମୋଟ୍ ୮ଶହ ଅଣାନବେ ଜଣ ପ୍ରାର୍ଥୀ ଏହି ପର୍ଯ୍ୟାୟ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ପକ୍ରିୟା ଲୋକସଭା ମଣ୍ଡଳୀ ଅନୁଯାୟୀ ଭିନ୍ନ ଭିନ୍ନ ସମୟରେ ଶେଷ ହେବ ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ଜଣାପଡ଼ିଛି । ୫୮ଟି ଲୋକସଭା ଆସନ ମଧ୍ୟରୁ ୭ଟି ତଫସିଲ୍‌ଭୁକ୍ତ ଜାତି  ଏବଂ ୨ଟି ତଫସିଲ୍‌ଭୁକ୍ତ ଉପଜାତିପାଇଁ ସଂରକ୍ଷିତ ରହିଛି । ଏହି ପର୍ଯ୍ୟାୟରେ ପ୍ରାୟ ୧ ଲକ୍ଷ ୧୪ ହଜାର ମତଦାନ କେନ୍ଦ୍ରରେ

୧୧ କୋଟି ୧୩ ଲକ୍ଷରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରୁ ୫ କୋଟି ୮୪ ଲକ୍ଷ ପୁରୁଷ, ୫ କୋଟି ୨୯ ଲକ୍ଷ ମହିଳା ଏବଂ ୫ ହଜାର ୧୨୦ ଜଣ ତୃତୀୟଲିଙ୍ଗୀ ମତଦାତା ଅଛନ୍ତି । ମତଗ୍ରହଣ ପାଇଁ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ପୋଲିଙ୍ଗ୍ ଅଧିକାରୀ ନିୟୋଜିତ ଅଛନ୍ତି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକରେ ଭୋଟରମାନଙ୍କପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମେନକା ଗାନ୍ଧି, ମନୋହରଲାଲ୍ ଖଟ୍ଟର, ସମ୍ବିତ୍ ପାତ୍ର, ବାଂଶୁରୀ ସ୍ୱରାଜ, ମନୋଜ ତିୱାରୀ, କଂଗ୍ରେସର ଦୀପେନ୍ଦର ସିଂହ ହୁଡା, କୁମାରୀ ସାଲେଜା, ରାଜ୍ ବାବର୍ ଏବଂ କହ୍ନେୟା କୁମାର ଅଛନ୍ତି । ସେହିଭଳି ସମାଜବାଦୀ ପାର୍ଟି ନେତା ଧର୍ମେନ୍ଦ୍ର ଯାଦବ, ପି.ଡି.ପି. ମୁଖ୍ୟ ମେହବୁବା ମୁଫ୍‌ତି ଏହି ପର୍ଯ୍ୟାୟରେ ନିର୍ବାଚନ ଲଢୁଛନ୍ତି ।

## ଓଡ଼ିଶା ଇଲେକ୍ସନ୍

ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ଆଜି ୬ଟି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମଧ୍ୟ ଏକସଙ୍ଗେ ଭୋଟ୍

ଗ୍ରହଣ ଆରମ୍ଭ ହୋଇଛି । ସେହି ଆସନ ଗୁଡ଼ିକ ମଧ୍ୟରେ ସମ୍ବଲପୁର, କେନ୍ଦୁଝର, ଢ଼େଙ୍କାନାଳ, ପୁରୀ, ଭୁବନେଶ୍ୱର ଓ କଟକ ରହିଛି । ଲୋକସଭା ଆସନଗୁଡ଼ିକ ପାଇଁ ୬୪ ଜଣ ପ୍ରାର୍ଥୀ ଏବଂ ୪୨ଟି ବିଧାନସଭା କ୍ଷେତ୍ର ଲାଗି ୩୮୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ଅବସରରେ ୧୦ଟି ଜିଲ୍ଲାରେ ୧୦ ହଜାର ୫୧୫ଟି ମତଦାନ କେନ୍ଦ୍ରରେ ୯୪ଲକ୍ଷ ୪୮ ହଜାର ୫୫୩ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଏହି ପର୍ଯ୍ୟାୟ ନିର୍ବାଚନରେ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ନିଆଯାଇଛି । ଏଥିଲାଗି ୧୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ନିୟୋଜିତ ହୋଇଛନ୍ତି । ଏହାଛଡ଼ା ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଜଣେ ଆଶାକର୍ମୀ, ଜଣେ ସ୍ୱେଚ୍ଛାସେବୀଙ୍କ ନିୟୋଜନ ସହ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଧଳ କହିଛନ୍ତି ।

## ପି.ଏମ୍. - ବିହାର

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାକୁ ଆଜି ଦିନିକିଆ ବିହାର ଗସ୍ତରେ ଯିବେ । ପାଟନା, ରୋହତାସ୍ ଏବଂ ବକ୍ସର ଜିଲ୍ଲାରେ ୩ଟି ନିର୍ବାଚନୀ

ର୍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଥମେ ପାଟନା ଜିଲ୍ଲାର ବିକ୍ରମ୍‌ଠାରେ ପାଟଳୀପୁତ୍ର ସଂସଦୀୟ କ୍ଷେତ୍ର ଲାଗି ନିର୍ବାଚନ ଲଢୁଥିବା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଏହାପରେ ରୋହତାସ୍ ଜିଲ୍ଲାର ପୁରୁଣା ଜି.ଟି. ରୋଡ୍‌ଠାରେ ଏକ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିବେ । ବକ୍ସର ଲୋକସଭା ଆସନ ଅନ୍ତର୍ଗତ ଅହିରୋଲିଠାରେ ଆୟୋଜିତ ହେବାକୁ ଥିବା ଜନସମାବେଶକୁ ଶ୍ରୀ ମୋଦି ସମ୍ବୋଧନ କରିବେ । ଏହି ଲୋକସଭା ନିର୍ବାଚନ କ୍ଷେତ୍ରଗୁଡିକ ପାଇଁ ଆସନ୍ତା ପହିଲାରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟରେ ମତଗ୍ରହଣ କରାଯିବ ।

## ଶିମ୍‌ଲା ଇଲେକ୍‌ସନ୍ କ୍ୟାମ୍ପେନ୍

ହିମାଚଳ ପ୍ରଦେଶରେ ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକସଭା ଏବଂ ୬ଟି ବିଧାନସଭା ମଣ୍ଡଳୀ ପାଇଁ ଉପ-ନିର୍ବାଚନ ଅନୁଷ୍ଠିତ ହେବ । ଆସନ୍ତା ପହିଲାରେ ହେବାକୁ ଥିବା ଏହି ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଜୋର୍‌ଦାର୍ କରିଛନ୍ତି । ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଶିମ୍‌ଲା ଏବଂ ମଣ୍ଡି ଲୋକସଭା କ୍ଷେତ୍ରର ଦୁଇଟି ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିଥିଲେ । ଶିମ୍‌ଲା ସଂସଦୀୟ କ୍ଷେତ୍ରର ନହନ୍‌ଠାରେ ଆୟୋଜିତ

ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରି ଗତ ୧୦ ବର୍ଷ ମଧ୍ୟରେ ଏନ୍.ଡି.ଏ. ସରକାର ନେଇଥିବା ଲୋକାଭିମୁଖୀ ପଦକ୍ଷେପ ଗୁଡ଼ିକ ଉପରେ ଆଲୋଚନା କରିଥିଲେ ।

ସେହିପରି ମଣ୍ଡିଠାରେ ଆୟୋଜିତ ନିର୍ବାଚନୀ ସଭାକୁ ସମ୍ବୋଧନ କରି ସେ କହିଛନ୍ତି, ଦେଶରେ ଏକକ ନାଗରିକ ସଂହିତା ପ୍ରଚଳନ କରିବାକୁ ବି.ଜେ.ପି. ପ୍ରତିଶ୍ରୁତିବଦ୍ଧ ।

କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଆଜି ଶିମ୍‌ଲା ସଂସଦୀୟ କ୍ଷେତ୍ରର ରୋହରୁଠାରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏସ୍.ସି. - ଇ.ସି.ଆଇ.

ଲୋକସଭା ନିର୍ବାଚନ ସମୟରେ ବୁଥ୍‌ୱାରି ଭୋଟର ମତଦାନ ତଥ୍ୟ ଏବଂ ୱେବ୍‌ସାଇଟ୍‌ରେ ଏହାକୁ ଅପ୍‌ଲୋଡ୍ କରିବା ନେଇ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମ୍‌କୋର୍ଟ ମନା କରିଦେଇଛନ୍ତି । ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଏଥିରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଜଷ୍ଟିସ୍ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଲୋକସଭା

ନିର୍ବାଚନ ପରେ ହେବ ବୋଲି କହିଛନ୍ତି । ଗତ ସପ୍ତାହରେ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମସ୍ତ ମତଦାନ କେନ୍ଦ୍ରପାଇଁ ଫର୍ମ-୧୭-ସି'ର ପ୍ରଥମ ପାର୍ଟ'ର ସ୍କାନ୍ ହୋଇଥିବା କପି ପ୍ରକାଶ କରିବା ସଂକ୍ରାନ୍ତ ଆବେଦନର ଜବାବ ଦାଖଲ କରିବାକୁ ନିର୍ବାଚନ ଆୟୋଗଙ୍କୁ ଏକ ସପ୍ତାହ ସମୟ ଦେଇଥିଲେ । ସୂଚନାଯୋଗ୍ୟ, ଚଳିତ ସାଧାରଣ ନିର୍ବାଚନ ପଇଁ ନିର୍ବାଚନ ଆୟୋଗ ନିର୍ବାଚନ ମଣ୍ଡଳୀ ଏବଂ ମତଦାନ କେନ୍ଦ୍ରଭିତ୍ତିକ ମତଗ୍ରହଣ ସମ୍ପୂର୍ଣ୍ଣ ସଂଖ୍ୟା ପ୍ରକାଶ କରିବାକୁ ଆବେଦନ କରି ଏକ ମାମଲା ସୁପ୍ରିମ୍‌କୋର୍ଟରେ ରୁଜୁ ହୋଇଛି ।

## ଏନ୍.ଆଇ. - ରାମେଶ୍ୱରମ୍

ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ. ରାମେଶ୍ୱରମ୍ କାଫେ ବିସ୍ଫୋରଣ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଆଉ ଜଣକୁ ଗିରଫ କରିଛି । କର୍ଣ୍ଣାଟକର ହୁବାଲି ସିଟିରେ ରହୁଥିବା ଏହି ଅଭିଯୁକ୍ତ ଲସ୍କରେ-ଇ-ତୟବା ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ ପୂର୍ବରୁ ସଂଶ୍ଲିଷ୍ଟ ଥିବା ଜଣାପଡ଼ିଛି । ଏନ୍.ଆଇ.ଏ. ତଦନ୍ତରୁ ଜଣାପଡ଼ିଛି, ପୂର୍ବରୁ ବେଙ୍ଗାଲୁରୁ ଷଡ଼ଯନ୍ତ୍ର ମାମଲାରେ ଏହି ଅଭିଯୁକ୍ତ ଗିରଫ ହୋଇ ଜେଲ୍‌ରେ ଥିଲେ । ଜେଲ୍‌ରୁ ମୁକୁଳିବା ପରେ ସେ ଏହି ଘଟଣାରେ ସଂଶ୍ଲିଷ୍ଟ ଥିବା ଜଣାପଡ଼ିଛି ବୋଲି ଏନ୍.ଆଇ.ଏ.

କହିଛି । ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ମାସରେ ରାମେଶ୍ୱରମ୍ କାଫେ ବିସ୍ଫୋରଣ ଘଟଣାରେ ଏନ୍.ଆଇ.ଏ. ଏପର୍ଯ୍ୟନ୍ତ ୨୯ଟି ସ୍ଥାନରେ ଚଢ଼ାଉ କରିଛି ।

## କ୍ୟାନ୍ସ ଆୱାର୍ଡ଼

ଫ୍ରାନ୍ସର କ୍ୟାନ୍ସଠାରେ ଆୟୋଜିତ ୭୭ତମ ଚଳଚ୍ଚିତ୍ର ମହୋତ୍ସବରେ Sunflowers were the first ones to know ଚଳଚ୍ଚିତ୍ରକୁ 'ଲା ସିନେଫ୍' ପୁରସ୍କାର ମିଳିଛି । ଭାରତୀୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ ପ୍ରତିଷ୍ଠାନ FTIIର ଛାତ୍ର ଚିଦାନନ୍ଦ ଏସ୍. ନାୟକଙ୍କଦ୍ୱାରା ଏହି ଚଳଚ୍ଚିତ୍ରଟି ପ୍ରସ୍ତୁତ କରାଯାଇଛି । ଉତ୍ସବରେ ଉପସ୍ଥିତ ଥିବା ଶ୍ରୀ ନାୟକ ପୁରସ୍କାର ଗ୍ରହଣ କରିଛନ୍ତି । ଭାରତୀୟ ସିନେମା ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି କୁହାଯାଇଛି । ୪ ବର୍ଷ ପରେ ପୁଣି ଥରେ ଏଭଳି ଏକ ବିରଳ ସମ୍ମାନ FTII ଛାତ୍ରକୁ ମିଳିଛି । ୭୩ତମ କ୍ୟାନ୍ ଚଳଚ୍ଚିତ୍ର ମହୋତ୍ସବରେ FTII ଛାତ୍ରଙ୍କଦ୍ୱାରା ପ୍ରସ୍ତୁତ 'କ୍ୟାଟ୍ ଡଗ୍' ଚଳଚ୍ଚିତ୍ର ଏହି ପୁରସ୍କାର ଲାଭ କରିଥିଲା ।

# ୱେଷ୍ଟ ବେଙ୍ଗଲ୍ - ସାଇକ୍ଲୋନ

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ରିମାଲ୍' ଉତ୍ତର ଏବଂ ଉତ୍ତର-ପୂର୍ବ ଦିଗରେ ଘଣ୍ଟାକୁ ୮ କିଲୋମିଟର ବେଗରେ ଗତି କରୁଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଏହା ଗତ ରାତିସୁଦ୍ଧା କେନ୍ଦ୍ରୀୟ ବଙ୍ଗୋପସାଗର ସଗର ଦ୍ୱୀପଠାରୁ ଦକ୍ଷିଣ ଦକ୍ଷିଣ-ପୂର୍ବ ଦିଗରେ ୬୨୦ କିଲୋମିଟର ଦୂରତାରେ ରହିଛି । ପଶ୍ଚିମବଙ୍ଗର ଦକ୍ଷିଣ ଉପକୂଳଠାରୁ ୬୭୦ କିଲୋମିଟର ଦୂରରେ ରହିଛି । ଆଜି ରାତିରେ ଉତ୍ତର-ପୂର୍ବ ଦିଗକୁ ଗତିକରି ଏହା ଅଧିକ ତୀବ୍ର ହେବାର ସମ୍ଭାବନା ରହିଛି । ଏହା ଉତ୍ତର ଉତ୍ତର-ପୂର୍ବ ଦିଗରେ ଗତିକରି ବାଂଲାଦେଶ ଏବଂ ତତ୍‌ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳ ଛୁଇଁବାର ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ୧୧୦ରୁ ୧୨୦ କିଲୋମିଟର ଏବଂ ସ୍ଥଳବିଶେଷରେ ୧୩୦ କିଲୋମିଟର ହୋଇପାରେ ।

ସମ୍ଭାବ୍ୟ ବାତ୍ୟାର ମୁକାବିଲା ଲାଗି କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଗତକାଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଛି । କେନ୍ଦ୍ରୀୟ ସଂସ୍ଥା ଏବଂ ପଶ୍ଚିମବଙ୍ଗର ସରକାରଙ୍କ ପ୍ରସ୍ତୁତି ନେଇ ଏହି ବୈଠକରେ ଆଲୋଚନା ହୋଇଛି । ଯଥାଶୀଘ୍ର ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ସମୁଦ୍ର ମଧ୍ୟକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ଫେରାଇ ଆଣିବାକୁ

ପଦକ୍ଷେପ ନେବାପାଇଁ କୁହାଯାଇଛି । ଏହି ବୈଠକରେ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ତଥା ଅନ୍ୟାନ୍ୟ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ ।

## ଆଇ.ପି.ଏଲ୍. କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟର ଚଳିତ ସିଜିନ୍‌ର ଫାଇନାଲ୍ ମ୍ୟାଚ୍ ଆସନ୍ତାକାଲି କୋଲ୍‌କାତା ନାଇଟ୍ ରାଇଡର୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ଚେନ୍ନାଇର ଏମ୍. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ।

ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ହାଇଦ୍ରାବାଦ ରାଜସ୍ଥାନ ରୟାଲ୍‌ସ୍‌କୁ ୩୬ ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ରାଜସ୍ଥାନ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ଆରମ୍ଭ କରି ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ଟି ୱିକେଟ୍ ବିନିମୟରେ ୧୭୫ ରନ୍ ସଂଗ୍ରହ କରିଥିଲା । ୧୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ୭ ୱିକେଟ୍ ବିନିମୟରେ ୧୩୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ହାଇଦ୍ରାବାଦ ପକ୍ଷରୁ ଶେହବାଜ ଅହମ୍ମଦ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ସୂଚନାଯୋଗ୍ୟ, ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ କୋଲ୍‌କାତା ହାଇଦ୍ରାବାଦକୁ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି ।

*****